DOI :https://doi.org/10.5281/zenodo.15253318 ମୂଳ ପ୍ରବନ୍ଧ

# ମନୋଜ ଦାସଙ୍କ ଭ୍ରମଣାନୁଭୂତିରେ ସେକ୍ସପିଅର ପ୍ରସଙ୍ଗ

**ମାଧବାନନ୍ଦ ପାତ୍ର**

**ସଂକ୍ଷିପ୍ତସାର :**

ଓଡ଼ିଆ ସାହିତ୍ୟରେ ଆମେ ଭ୍ରମଣବୃତ୍ତାନ୍ତ ଯେତିକି ବି ଲକ୍ଷ୍ୟକରୁ ତାହା ଭ୍ରମଣସ୍ଥାନ ବ୍ୟତୀତ ପରିବେଷଣ କଳାରେ କିପରି ମହତ୍ତ୍ୱପୂର୍ଣ୍ଣ, ତାହାକୁ ମଧ୍ୟ ଦୃଷ୍ଟି ଦେଇଥାଉ । ମନୋଜ ଦାସ ଇଂଲଣ୍ଡ ଭ୍ରମଣ ଜନିତ ଅନୁଭୂତିକୁ ନେଇ ଦୂରଦୂରାନ୍ତର ଭ୍ରମଣ କାହାଣୀ ଲେଖିବା ବେଳେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଲୋଚନା ପରିସରଭୁକ୍ତ କରିଛନ୍ତି, ସେ ମଧ୍ୟରୁ ସେକ୍ସପିଅରଙ୍କ ରଚନାବଳୀ ପଢ଼ି ଆନନ୍ଦ ଲାଭ କରିଥିବେ, କିନ୍ତୁ ତାଙ୍କର ଜୀବନର କିଛି ମହତ୍ୱପୂର୍ଣ୍ଣ ଘଟଣା ଏବଂ ବର୍ତ୍ତମାନ ସମୟରେ ତାଙ୍କ ସ୍ମୃତି ରକ୍ଷା କିପରି ହୋଇପାରିଛି, ତାହାକୁ ଆଧାର କରି ଏହି ପୁସ୍ତକରେ ଥିବା ବର୍ଣ୍ଣନାକୁ ନେଇ ଆମର ଏହି କ୍ଷୁଦ୍ର ଉପସ୍ଥାପନା ।

**ପ୍ରମୁଖ ଶବ୍ଦାବଳୀ :**

ଭ୍ରମଣାନୁଭୂତି, ସେକସପିୟର, ନାଟକ, ଅନ୍ତିମାବସ୍ଥା, ସାହିତ୍ୟ ସ୍ରଷ୍ଟା ।

ଜଣେ ସଫଳ କଥାଶିଳ୍ପୀ ଭାବରେ ମନୋଜ ଦାସଙ୍କର ଯେଉଁ ପରିଚିତି ରହିଛି ଠିକ୍ ସେହିପରି ଚିନ୍ତାନାୟକ ତଥା ଇତିହାସର ଖିଅ ଖୋଜି ନିଜ ସୃଷ୍ଟିରେ ଯଥା ସ୍ଥାନରେ ପ୍ରୟୋଗ କରିପାରୁଥିବା ଓଡ଼ିଆ ଗଦ୍ୟ ସାହିତ୍ୟରେ ପ୍ରୟୋଗବାଦୀ ସ୍ରଷ୍ଟା ଭାବରେ ମଧ୍ୟ ରହିଛି ଯଥେଷ୍ଟ ସ୍ୱୀକୃତି । ବିଶେଷକରି ଭ୍ରମଣ-ବୃତ୍ତାନ୍ତ ରଚନାରେ ମନୋଜଦାସ ଯେପରି ଚମତ୍କାରିତା ଦେଖାଇଛନ୍ତି ତାହା କ୍ୱଚିତ ସ୍ରଷ୍ଟାଙ୍କ କ୍ଷେତ୍ରରେ କାଁ ଭାଁ ସମ୍ଭବ ଅଥବା ଆଦୌ ନୁହେଁ କହିଲେ ଚଳେ । ଏ କଥା କହିବାର କାରଣ ହେଉଛି ଅନେକ ଐତିହାସିକ ଦେଶବିଦେଶ ଭ୍ରମଣ କରିଛନ୍ତି, ଭ୍ରମଣବୃତ୍ତାନ୍ତ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି; କିନ୍ତୁ ମନୋଜ ଦାସ ଜୀବନ ଓ ସାହିତ୍ୟର ତମାମ ଦିଗରୁ ଯେପରି ସୂକ୍ଷ୍ମରସ ଚିପୁଡ଼ିଛନ୍ତି, ତାହା ଅନ୍ୟମାନଙ୍କ କ୍ଷେତ୍ରରେ ବିରଳ ।

ଇଂଲଣ୍ଡରେ ବିତାଉଥିବା ସମୟ ଆଧାରରେ ନିଜର ଅନୁଭବ ଓ ଅନୁଭୂତି ସହ ଜ୍ଞାନ, ତଥ୍ୟ ଓ ଚିନ୍ତନର ମଧୁର ସମନ୍ୱୟ ଘଟାଇ ୧୯୭୨ ମସିହା ଡିସେମ୍ବର ମାସରୁ ଧାରାବାହିକ ଭାବେ ଲେଖିଆସୁଥିବା ଦୂରଦୂରାନ୍ତର ଭ୍ରମଣକାହାଣୀ ୧୯୭୩ ଜାନୁଆରୀରୁ ୧୯୭୪ ଡିସେମ୍ବର ଯାଏ ମାସିକ ପତ୍ରିକା ନବରବିରେ ପ୍ରକାଶ ପାଇ ଆସୁଥିଲା । ସର୍ବମୋଟ ୨୨ଟି ପର୍ଯ୍ୟାୟରେ ଲିଖିତ ଏହି ଭ୍ରମଣବୃତ୍ତାନ୍ତରୁ ଯେଉଁ ତିନୋଟି ସେକ୍ସପିଅର ଆଧାରିତ, ତାହା କେତେ ଜଣେ ସାହିତ୍ୟ ପାଠକ ତଥା ଉତ୍ତମ ନାଗରିକ କ୍ଷେତ୍ରରେ ତାତ୍ପର୍ଯ୍ୟପୂର୍ଣ୍ଣ ସେ ସଂପର୍କରେ ଆମେ ସଂପର୍କରେ ଆଲୋଚନା ପରିସରଭୁକ୍ତ କରିପାରିବା । ପୁସ୍ତକରେ ସ୍ଥାନିତ 'ଅନେକ ସେକ୍ସପିଅର -୧', 'ଅନେକ ସେକ୍ସପିଅର -୨', 'ସେକ୍ସପିଅର ଉପସଂହାର' ନାମକ

**ଯୋଗାଯୋଗ : ମାଧବାନନ୍ଦ ପାତ୍ର,** ଗବେଷକ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ।
**Email:** madhabanandapatra7@gmail.com
**ORCID ID:** https://orcid.org/0009-0000-1537-8899

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୩.୧୨.୨୦୨୪ | ୧୦.୦୨.୨୦୨୫ | ୨୫.୦୩.୨୦୨୫ | ୧.୦୪.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାତ୍ର, ମାଧବନନ୍ଦ ; ୨୦୨୫ । ମନୋଜ ଦାସଙ୍କ ଭ୍ରମଣାନୁଭୂତିରେ ସେକ୍ସପିଅର ପ୍ରସଙ୍ଗ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : କ; ପୃଷ୍ଠା :୩୮-୪୧ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
| --- | --- |
| | **DOI:** https://doi.org/10.5281/zenodo.15253318 Article No - BPP00286 |

ଏହି ତିନୋଟି ଲେଖାରେ ବିଶ୍ୱପ୍ରସିଦ୍ଧ ନାଟ୍ୟକାର ତଥା ସାହିତ୍ୟିକ ସେକ୍ସପିଅରଙ୍କୁ ଆଧାର କରି ଲେଖକ ମନୋଜ ଦାସ ଯେପରି ସ୍ମୃତିଚାରଣ କରିଛନ୍ତି ତାହା ପାଠ କରିବାବେଳେ ମନ ଭିତରେ ଗୋଟିଏ ପୁଲକ ଜାତ ହୁଏ । ଇଚ୍ଛାହୁଏ ଏହିପରି କଥା ଆଉ ଟିକିଏ ବିସ୍ତୃତ ହୋଇ ଚାଲୁଥାଆନ୍ତା କି ପୃଷ୍ଠା ପରେ ପୃଷ୍ଠା । କିନ୍ତୁ ଲେଖକୀୟ କୌଶଳ ତାହାର ସଫଳତା ପ୍ରମାଣିତ କରିଦେଇ ପାଠକ ଭିତରେ ତୃପ୍ତି ଅତୃପ୍ତି ତଥା ଅନୁସନ୍ଧାନର ମଞ୍ଜି ବୁଣିଦିଏ । ମନୋଜ ଦାସ ଏମିତି ଚତୁରତା ଦେଖାନ୍ତି ତାଙ୍କ ଭ୍ରମଣବୃତ୍ତାନ୍ତରେ । ଏମିତି କିଛିକିଛି ଚରିତ୍ର ଅଥବା ପ୍ରସଙ୍ଗକୁ ସେ ଉତ୍‌ଥାପନ କରନ୍ତି, ଯାହା କାହାଣୀ ପରିମନେ ହେବ ଅଥବା ଫାଣ୍ଟାସି । ପାଠକ ଭିତରେ କାହାଣୀ ଶୁଣିବାର ମାନସିକତା ଜାତ ହେଲା ବେଳକୁ ଲେଖକ ତଥ୍ୟର ଉପସ୍ଥାପନା କରି ସଚେତନ କରାଇଦିଅନ୍ତି । ବେଶ୍ ଚମତ୍କାର ମନୋଜ ଦାସଙ୍କ ଭ୍ରମଣବୃତ୍ତାନ୍ତର ଏ ଅଭିନବ କଳା – କୌଶଳ ।

ଭ୍ରମଣବୃତ୍ତାନ୍ତ ରଚନା ଅଭିପ୍ରାୟରେ ମନୋଜ ଦାସ ଇଂଲଣ୍ଡ ଯାତ୍ରା କରିନଥିଲେ । ଯେଉଁ ଉଦ୍ଦେଶ୍ୟରେ ସେଠାକୁ ସେ ଯାଇଥିଲେ ତାହା ପୂରଣ ହେଲା ଏବଂ ଏଥି ସହିତ ଯାହା ତାଙ୍କ ମନଭିତରେ କ୍ରିୟାଶୀଳ ଥିଲା, ତାହା ମଧ୍ୟ ଚରିତାର୍ଥ ହେଲ, କଥାଟା ସ୍ପଷ୍ଟ କରିଦେବାକୁ ମନୋଜଙ୍କ ସ୍ୱୀକାରୋକ୍ତିପୂର୍ଣ୍ଣ ଉଦ୍ଧାର କରାଯାଇପାରେ – "ଆଜିର ଇଂଲଣ୍ଡ ପ୍ରତି ମୋର କୌଣସି ଆକର୍ଷଣ ନଥିଲା । ମୁଁ ଯେଉଁ ନିର୍ଦ୍ଦିଷ୍ଟ କାମ ପାଇଁ ଯାଇଥିଲି (ଏଇ ଶତାବ୍ଦୀର ଦଶକ୍ଷିରେ ସ୍ୱାଧୀନତା ପାଇଁ ଭାରତର ଯେଉଁ ବୈପ୍ଲବିକ ଅଭିଯାନ ହୋଇଥିଲା ତାର ସାରଥି ଥିଲେ ଶ୍ରୀ ଅରବିନ୍ଦ । ସେହି ସଂକ୍ରାନ୍ତ କେତେକ ତଥ୍ୟ ସଂଗ୍ରହ ଥିଲା ଲେଖକର ଉଦ୍ଦେଶ୍ୟ ଓ ଆକର୍ଷଣ ।) ତାର ଆକର୍ଷଣକୁ ଛାଡ଼ିଦେଲେ ମୁଁ ଖୋଜୁଥିଲି ପୁରୁଣା ଇଂରାଜୀ ସାହିତ୍ୟରେ ପ୍ରତିଫଳିତ ଇଂଲଣ୍ଡକୁ ।" (୧) ମନୋଜ ଦାସଙ୍କ ଏହି ସ୍ୱୀକାରୋକ୍ତିରୁ ସ୍ପଷ୍ଟ ହୋଇଯାଏ ଯେ ଗୋଟିଏ ଦେଶର ସାହିତ୍ୟ ଓ ସାହିତ୍ୟକଙ୍କୁ ଅଧ୍ୟୟନ କରିବା ସକାଶେ ତାଙ୍କ ହୃଦୟ କିପରି ଉତ୍କଣ୍ଠାଭରା । ସେଥିପାଇଁ ବୋଧେ ସେ ଯେତେବେଳେ ଦୂରଦୂରାନ୍ତର ରଚନା କରୁଛନ୍ତି, ସେତେବେଳେ ଅନୁଭବ କରୁଛନ୍ତି ଯେ ସେକ୍ସପିଅରଙ୍କୁ ବାଦଦେଇ ଇଂଲଣ୍ଡକୁ ଆଲୋଚନା ପରିସରଭୁକ୍ତ କରାଯାଇପାରେନା । (୨) ଆମେ ଏ ଦୃଷ୍ଟିରୁ ଇଂଲଣ୍ଡ ଭ୍ରମଣ ସମୟରେ ସେକ୍ସପିଅରଙ୍କୁ ମନୋଜ ଦାସ ଯେପରି ପୁନଃ ଆବିଷ୍କାର କରିଛନ୍ତି ସେ ସଂପର୍କରେ ଆଲୋଚନା କରିପାରିବେ ।

ବର୍ତ୍ତମାନ ସମୟର ଧାଁ ଦଉଡ଼ ଜୀବନ ଭିତରେ ସବୁକିଛି ଫାଷ୍ଟଫୁଡ଼ ପରି ଶ୍ରୀଘ୍ର ହୋଇଯାଉ ବୋଲି ପ୍ରତ୍ୟେକଙ୍କର ମନବାଣୀ । ଏହାକୁ ସାହିତ୍ୟ ଭିତରେ ମଧ୍ୟ ପାଠକମାନେ ଚାହିଁବା ଦ୍ୱାରା ସାହିତ୍ୟରେ ଅନେକ ବିଭାଗ ଓ ଉପବିଭାଗମାନ ମଧ୍ୟ ସୃଷ୍ଟି ହୋଇସାରିଲାଣି । କିନ୍ତୁ ଖାଦ୍ୟ ସ୍ୱାଦିଷ୍ଟ ହେଲେ ଅଳ୍ପ ସମୟ ପାଇଁ ହେଲେବି ମଜା ନେଇପାରିବା ପରି ଉତ୍ତମ ଲେଖା ପାଠକର ରୁଚିକର ହୋଇପାରିବ । ଏ ଦିଗରେ ସଚରତନ ମନୋଜ ଦାସ । ପୁନଶ୍ଚ, ସୁସ୍ୱାଦୁ ସହ ରୁଚିକର ଏବଂ ଜୀବନ ବିକାଶରେ ତାଙ୍କର ଲେଖା ସର୍ବଦା ଉଦ୍ଦିଷ୍ଟ । ଦୂରଦୁରାନ୍ତରରେ ସେହିପରି କିଛି ଦୃଶ୍ୟକୁ ସୁସ୍ୱାଦୁ କରି ଅଳ୍ପ ପରିବେଶଣ କରିବା ଦ୍ୱାରା ପାଠକ ଭିତରେ ଆତ୍ମ ଅନ୍ୱେଷଣର ଯେଉଁ ବୀଜ ସ୍ଥାପନ କରିଦେଇଛନ୍ତି ସେ, ତାହା ଅନ୍ୟମାନଙ୍କ କ୍ଷେତ୍ରରେ କ୍ୱଚିତ । ଏ ପ୍ରସଙ୍ଗରେ ଆମେ ଯଦି ସେକ୍ସପିଅରଙ୍କୁ ଆଧାର କରି ଯେଉଁ ତିନୋଟି ପରିଚ୍ଛେଦକୁ ବିଚାର କରିବା ତେବେ ତାହା ମଧ୍ୟ ଏପରି । କଥାଟି ବିସ୍ତୃତ ନୁହେଁ; କିନ୍ତୁ ତାହାରି ଭିତରେ କ୍ଷୁଦ୍ର ଦୃଶ୍ୟଟି ସଂଯୋଜନା ଦ୍ୱାରା ପାଠକ ଭିତରେ ଅଧିକ ଜିଜ୍ଞାସାର ସୂତ୍ରପାତ ଘଟାନ୍ତି ଲେଖକ । ଲଣ୍ଡନର ଷ୍ଟ୍ରାଟଫୋର୍ଡ଼ରେ ଥିବା ଏକ ପାର୍କକୁ ମନୋଜ ଦାସ ଯେତେବେଳେ ପହଂଚିଛନ୍ତି ସେତେବେଳେ ତାଙ୍କର ମନେପଡ଼ିଛି ସେକ୍ସପିଅରଙ୍କୁ ନେଇ ଶୁଣିଥିବା ଘଟଣାଟିଏ । ଏହି ପାର୍କ ସହ ନାଟ୍ୟକାରଙ୍କ ସଂପର୍କକୁ ଉନ୍ମୋଚନ କରିବାକୁ ଚେଷ୍ଟା କରି ଶେଷରେ ଯେଉଁ ମନ୍ତବ୍ୟ ଉପସ୍ଥାପନା କରିଛନ୍ତି ତାହା ପାଠକକୁ ଆଗ ସମୀକ୍ଷା କରିବାକୁ ଖୋରାକ ଯୋଗାଏ । "ଏଇ ସେଇ ପାର୍କ – ଯାହା ଏକଦା ଥିଲା ଜଣେ ସ୍ଥାନୀୟ ଜମିଦାରଙ୍କ ସଂପତ୍ତି । କିଶୋର ସେକ୍ସପିଅର ଦିନେ ଯା ଭିତରୁ କୁକୁଡ଼ାଟିଏ (ମତାନ୍ତରେ ଛେଳି) ଚୋରି କରି ଧରାପଡ଼ିଥିଲେ । ନିର୍ଯ୍ୟାତନାରୁ ତ୍ରାହି ପାଇବା ପାଇଁ ରାତାରାତି ବାହାରି ପଳାଇଥିଲେ ଲଂଣ୍ଡନ ଆଭିମୁଖେ । ସେଠାରେ ଜୀବନ ସଂଗ୍ରାମ ଭିତରେ କେତେବେଳେ ସ୍ଫୁରିତ ହୋଇଥିଲା ଅସାମାନ୍ୟ ପ୍ରତିଭା । କୁକୁଡ଼ା ଚୋର ପଳାତକ କିଶୋର ଭିତରୁ ହେଲା ମହାନ ନାଟ୍ୟକାର ଓ କବି ସେକ୍ସପିଅରଙ୍କ ଅଭ୍ୟୁଦୟ ।"(୩) ଏହି ବିଷୟକୁ ସାଧାରଣ ମନେକରି ମନୋଜ ବାବୁ ଲେଖିବା ବେଳେ ଏଡ଼ାଇଯାଇନାହାନ୍ତି ମୁଖ୍ୟ ବକ୍ତବ୍ୟକୁ । କିରୀଟ ଏବଂ ଦିଲ୍ଲୀତାଙ୍କୁ କହିଥିଲେ ସେଥିପାଇଁ ସେବେଠାରୁ ଅନେକ ଲୋକ ଯା ଭିତରେ କୁକୁଡ଼ା ଚୋରି କରିସାରିବେଣି, କିନ୍ତୁ ହାୟ ! ଦ୍ୱିତୀୟ ସେକ୍ସପିଅରଟିଏ ଯାହା ସମ୍ଭବ ହେଲା ନାହିଁ । ଭ୍ରମଣ କାହାଣି ଲେଖକଟିଏ ମନର କ୍ଷୋଭକୁ ପ୍ରକାଶ କରିବାକୁ ବାଟ ଖୋଜେ । ଏ ପ୍ରସଙ୍ଗରେ ଯଦିଓ ଦ୍ୱିତୀୟ ସେକ୍ସପିଅର ସୃଷ୍ଟିହେବା କ୍ଷୋଭ ନୁହେଁ, କିନ୍ତୁ ଗୋଟିଏ ଚପଳାମୀ ଏବଂ ଦୃଢ଼ ଇଚ୍ଛାଶକ୍ତି ମାଧ୍ୟମରେ ଜଣେ ସଫଠତାର ଶିଖର କିପରି ପହଂଚିପାରେ ତାହା ଦର୍ଶାଂବାକୁ ଲେଖକ ଚେଷ୍ଟା କରିଛନ୍ତି । କୁକୁଡ଼ା ଚୋରି କିପରି ଲଣ୍ଡନ ପଳାୟନ ପୂର୍ବକ ଯିଏ ଜୀବନକୁ ବହୁ ଭାବରେ ଭୋଗିନି ସେ କିପରି ଅସାଧାରଣ ହୋଇପାରିବ ! ଏ ଚିନ୍ତନ ଲେଖକଙ୍କର ଥିଲା । ଯେଉଁ ଚପଳାମୀ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ ନକଲା, ତାହା ଅକାରଣୀୟ ବୋଲି ମନୋଜଙ୍କ ଭାବନା ।

ଲେଖକ ମନୋଜ ଦାସ ଭ୍ରମଣ କାହାଣୀ ରଚନା ବେଳେ ନିଜର କଥାକାର ପଣିଆକୁ ଭୁଲିଯାଇ ନାହାନ୍ତି । ପ୍ରସଙ୍ଗକ୍ରମେ କାହାଣୀଟିଏ ଶୁଣାଇ ଦେଇଛନ୍ତି । ଏମିତି ହୋଇଛି ଯେ ଯେଉଁ ସ୍ଥାନକୁ ସେ ଭ୍ରମଣ କରିବାକୁ ଯାଇଛନ୍ତି ସେଠାକାର ବର୍ତ୍ତମାନ ସ୍ଥିତିକୁ ବୁଝାଇବାକୁ ଯାଇ ଅତୀତକୁ ଭାବୁଭାବୁ କାହାଣୀକାର ପାଲଟିଯାଇଛନ୍ତି । ଏହା ତାଙ୍କର ସ୍ୱାତନ୍ତ୍ର୍ୟ ନିଶ୍ଚିୟ । ପୁନଶ୍ଚ, କଥା ଛଳରେ ଗୋଟିଏ ବିଷୟ ଆରମ୍ଭ କରୁକରୁ ତା ମଧ୍ୟରେ ସଂଯୋଜିତ ଅନ୍ୟ ସବୁ ଘଟଣା ମିଶି ଯାଇଛି । ଯେମିତି କି ସେକ୍ସପିଅରଙ୍କ ମୃତ୍ୟୁବେଳକୁ The tempest ନାଟକର ସମନ୍ୱୟ ପ୍ରସଙ୍ଗ । ସେକ୍ସପିଅରଙ୍କ କଥାକୁ ବୁଝାଇବାକୁ ଯିବାବେଳେ ତାଙ୍କ ସୃଷ୍ଟିରେ କିପରି ଅନ୍ତିମ ସମୟର ଚିତ୍ର ପ୍ରୋସ୍ପାରୋ ଚରିତ୍ର ମାଧ୍ୟମରେ ପ୍ରସ୍ଫୁଟିତ ହୋଇଛି ତାହା ସୂଚନା ଦିଆଯାଇଛି ।

ମଣିଷ ଜନ୍ମଲାଭ କରିବା ପରେ ମୃତ୍ୟୁ ଦିଗରେ ହିଁ ଯାତ୍ରା କରୁଥାଏ ସକଳ ସତମିଛର ପାର୍ଥିବ ଘଟଣାକୁ ସାମ୍ନା କରିକରି । କିନ୍ତୁ ଲୋଭଥାଏ । ଯେମିତି ଘଟିଛି ସେକ୍ସପିଅରଙ୍କ କ୍ଷେତ୍ରରେ । ଏମିତି ହୋଇଛି କି ନିଜର ଅନ୍ତିମାବସ୍ଥା କିପରି ଭୟଙ୍କର ହୋଇପାରେ – ଏପରି ଚିନ୍ତା ମଧ୍ୟ ଘାରିଥିଲା ତାକୁ । ଷ୍ଟ୍ରାଟଫୋର୍ଡର ସମାଧି ସ୍ଥାନମାନଙ୍କରେ ସଦ୍ୟ ମୃତ୍ୟୁ ବ୍ୟକ୍ତିଙ୍କ ପାଇଁ ସ୍ଥାନାଭାବ ନିମନ୍ତେ ପୁରୁଣା ସମାଧି ସବୁକୁ ତାଡ଼ି ଧ୍ୱଂସାବଶେଷକୁ ଫୋପାଡ଼ି ଦିଆଯାଏ । ଏହି ଆଶଙ୍କା ଘାରିଥିଲା କିପରି ସେକ୍ସପିଅରଙ୍କୁ ତାହା 'ଅନେକ ସେକ୍ସପିଅର – ୧' ରୁ ଅଧ୍ୟୟନ କରାଯାଇପାରେ । ଏମିତି କି ନିଜ ମୃତ୍ୟୁପରେ ସମାଧିରେ ଲେଖିଦେବା ପାଇଁ ଏକ କବିତା ରଚନା କରିଥିଲେ –

Good friend, for jesus' sake forbear
To dig the tust enclosed here .
Blessed be the man that spares these stores
And cursed be he that moves my bores .

ଏ ପ୍ରସଙ୍ଗରେ ମନୋଜ ବାବୁ ସୁନ୍ଦର କଥାଟିଏ ଅବତାରଣ କରାଇଛନ୍ତି ଯେ, ମଣିଷ ନିଜ ଜୀବିତାବସ୍ଥାରେ ଦେଶ ଉଦ୍ଦେଶ୍ୟରେ ଉନ୍ନତି ମୂଳକ କର୍ମ କିଛି କଲେ ଲୋକେ ତାଙ୍କୁ ସାଇତିବେ ହୃଦୟରେ ହେଉ ଅଥବା ସ୍ଥୁଳଭାବରେ କେଉଁ ରୂପରେ ସ୍ମୃତିଚିହ୍ନ କରି । ସେକ୍ସପିଅର ନିଜର ଲେଖାଲେଖିର ସାମର୍ଥ୍ୟ ସଂପର୍କରେ ସନ୍ଦୀହାନ ଥିଲେ ବୋଧହୁଏ । ଏହା ବି ସତ ଯେ, ଜଣେ ସଚ୍ଚା ଲେଖକ ନିଜ କର୍ମରେ ମାତିଥିବା ବେଳେ ଭୁଲିଯାଏ ତାକୁ ନେଇ ଭବିଷ୍ୟତରେ ଲୋକଙ୍କୁ ପ୍ରତିକ୍ରିୟା କିପରି ହେବ । ସେକ୍ସପିଅରଙ୍କ ନିଜ ପ୍ରତି ଥିବା ଆଶଙ୍କା ଏବଂ ସାହିତ୍ୟର ଅବସ୍ଥା ସଂପର୍କରେ ମନୋଜ ଦାସ ଯେଉଁ ଉଲ୍ଲେଖ କରିଛନ୍ତି, ତାହା ଏକାନ୍ତ ଗ୍ରହଣ ଯୋଗ୍ୟ । ତାହା ଏମିତି – "ସେକ୍ସପିଅରଙ୍କ କଳ୍ପନାରେ ନଥିଲା ଯେ ସେ ଦିନେ ମହାଜାତିର ମହାର୍ଘତମ ଐଶ୍ୱର୍ଯ୍ୟରୂପେ ପରିଗଣିତ ହେବେ । ନାଟକଗୁଡ଼ିକରୁ ଯେ ପରେ ଦୁଇ ପଇସା ଆୟ ହବେ, ସେତକ ମଧ୍ୟ ସେ ବିଶ୍ୱାସ କରୁନଥିଲେ । ସେଇଥି ସକାଶେ ତାଙ୍କ ଅନ୍ତିମ ଉଇଲରେ ତାଙ୍କ ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତିର ହିସାବ ଦିଆଯାଇଥିଲେ ମଧ୍ୟ ପ୍ରଣୀତ ନାଟକ ସବୁର ଉଲ୍ଲେଖ ନାହିଁ । (ଏହା ବି ହୋଇପାରେ ସେ ନିଜେ ସାହିତ୍ୟ କୃତିର କାଳଜୟୀ ମହାନତା ଓ ସାର୍ବଜନୀନତା ସଂପର୍କରେ ସଚେତନ ଥାଇ ତାକୁ ବ୍ୟକ୍ତିଗତ ସଂପତ୍ତି ଭଳି ଉଇଲରେ ଆବଦ୍ଧ ରଖିବାକୁ ଚାହିଁନଥିଲେ ।) ପୃଥିବୀର ଅସଂଖ୍ୟ ସଂପାଦକ ଓ ପ୍ରକାଶକ ଯେଉଁ ଗ୍ରନ୍ଥରାଜି ସଂପାଦନା ଓ ପ୍ରକାଶ କରି ବିପୁଳ ବିତ୍ତ ଆୟ କରିଚାଲିଛନ୍ତି ସେଇ ଗ୍ରନ୍ଥରାଜିର କୌଣସି ଅର୍ଥନୀତିକ ମୂଲ୍ୟ ଥାଇପାରେ ବୋଲି ସ୍ୱୟଂ ଲେଖକ ବିଶ୍ୱାସ କରିନଥିଲେ ! ବିଡ଼ମ୍ବନା !"(୪) ସେକ୍ସପିଅରଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ପ୍ରତ୍ୟେକ ସାହିତ୍ୟକଙ୍କ କ୍ଷେତ୍ରରେ ଏ ବିଷୟର ଯଥାର୍ଥତା ଲକ୍ଷ୍ୟ କରାଯାଇପାରେ ।

ଇଂଲଣ୍ଡରେ ଆଜି ସେକ୍ସପିଅରଙ୍କୁ ଯେପରି ଜାତୀୟ ଗର୍ବ ଭାବରେ ଗ୍ରହଣ କରାଯାଇଛି, ଦିନେ ତାଙ୍କର ମୂର୍ତ୍ତି କିପରି ଥିଲା (ସପ୍ତଦଶ ଶତକରେ ସେ ମୂର୍ତ୍ତିଟି ହାତରେ କେରାଏ ଶସ୍ୟ ଥିବାର ଦେଖୁଥିଲେ ପର୍ଯ୍ୟଟକମାନେ; ଅର୍ଥାତ ସେକ୍ସପିଅର ଜଣେ ବ୍ୟବସାୟୀ ଥିଲେ ବୋଲି ଦେଖାଇ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ କଲମ ଧରାଇ ଦିଆଯାଇଥିଲା ହାତରେ, ପୁନଶ୍ଚ ମୂର୍ତ୍ତିଟିର ମୁଖମଣ୍ଡଳ ମାନ୍ଦା ମାନ୍ଦା ଥିବା ଲକ୍ଷକରି ଲେଖକ ଆବଶ୍ୟକସ୍ଥଳେ କଟାକ୍ଷ କରିଛନ୍ତି ସେଠାକାର ଶିଳ୍ପୀଙ୍କୁ । ଜାତୀୟ କର୍ତ୍ତବ୍ୟ ଯଥାରୀତି ସମାପନ ପାଇଁ ସେ ଯେପରି ଆହ୍ୱାନ ତୋଳିଛନ୍ତି ଏ ଭ୍ରମଣ କାହାଣୀ ମାଧ୍ୟମରେ ।)

ସେକ୍ସପିଅରଙ୍କୁ ନେଇ ଅନେକ ମତ ପାର୍ଥକ୍ୟ ଲକ୍ଷ କରାଯାଏ ଆମ ପୃଥିବୀର କୋଣ ଅନୁକୋଣେ । କିଏ ଇଂଲଣ୍ଡ, କିଏ ରୁଷିଆ, କିଏ ଇଟାଲି ପ୍ରଭୃତି ସ୍ଥାନରେ ତାଙ୍କର ଜନ୍ମ ବୋଲି ଯୁକ୍ତି ବାଢ଼ି ବିଭିନ୍ନ ପ୍ରମାଣ ପ୍ରଦାନ କରିଛନ୍ତି । ଏମିତି କି ଗବେଷକମାନେ ନିଜ ଗବେଷଣା ମାଧ୍ୟମରେ କିଛି ବି ପ୍ରମାଣିତ କରିଦେଇ ପାରନ୍ତି ବୋଲି 'ଅନେକ ସେକ୍ସପିଅର –୧' ପରିଚ୍ଛେଦର ଶେଷ ଅନୁଚ୍ଛେଦରୁ ଅନୁଭବ କରିହୁଏ । ଏହି ସବୁ ପ୍ରସଙ୍ଗ ଯେତେବେଳେ ମନୋଜ ଦାସ ଉଲ୍ଲେଖ କରୁଛନ୍ତି, ସେତେବେଳେ ଆଦୌ ଉତ୍କ୍ଷିପ୍ତ ନହୋଇ କୋମଳ ଶବ୍ଦ ଏବଂ କଟାକ୍ଷବାଣ ଦ୍ୱାରା ତ୍ରୁଟି ବିଚ୍ୟୁତିକୁ ଯେପରି ଭାବରେ ଉଦ୍ଘାଟନ କରିଦେଇଛନ୍ତି ତାହା ସୁଖପାଠ୍ୟ ଯେତିକି, ସେତିକି ହୋଇପାରିଛି ନୂତନ ଧାରାର ଭ୍ରମଣକାହାଣୀ ସୃଷ୍ଟିକରିବାର ପ୍ରେରଣା ଦର୍ଶ ମାର୍ଗଦର୍ଶକ ।

ମନୋଜ ଦାସ ଇତିହାସ, ସାହିତ୍ୟକୁ ଯେପରି ପ୍ରାଣଭରି ଭଲ ପାଉଥିଲେ, ଠିକ ସେହିପରି ସାହିତ୍ୟ ସ୍ରଷ୍ଟାଙ୍କୁ ମଧ୍ୟ ନିଜ ହୃଦୟରେ ବସାଇଥିଲେ । ଅନେକ ପ୍ରିୟ ଲେଖଙ୍କ ଭିତରେ ଥିବା ସେକ୍ସପିଅରଙ୍କୁ

ଯଦିଓ ସେ ବର୍ତ୍ତମାନରେ ଭେଟିପାରିନାହାନ୍ତି କିନ୍ତୁ ତାଙ୍କର ସତ୍ତାକୁ ସେ ସୂକ୍ଷ୍ମ ଭାବରେ ଅନୁଭବ କରିପାରୁଥିଲେ ଅନ୍ୟମାନଙ୍କ ପାଖରୁ । ସେକ୍ସପିଅରଙ୍କ ସ୍ମୃତିପୀଠ ଦର୍ଶନ କରିବାକୁ ଯିବା ବେଳେ ଲେଖକ ଯେଉଁ ଦୁଇଟି ପ୍ରସଙ୍ଗ ଉଠାଇଛନ୍ତି ତାହା ସମଗ୍ର ପୃଥିବୀ ପାଇଁ ବିଚାର ଓ ଚିନ୍ତନର କାର୍ଯ୍ୟ ନିଶ୍ଚିତ । ପ୍ରଥମଟି ହେଲା, ଯେତେବେଳେ ମନୋଜ ଦାସ ଯାଉଛନ୍ତି ସେକ୍ସପିଅରଙ୍କ ଜନ୍ମଗୃହ ଏବଂ ତାଙ୍କ ସ୍ତ୍ରୀ ଆନ୍ ହାଥାୱେଙ୍କ କୁଡ଼ିଆ ଦେଖିବାକୁ, ସେତେବେଳେ ଟିକସ ବା ଟିକଟ କାଟିବା ସକାଶେ ତାଙ୍କ ମନ ବାଧାଦେଇଛି । ଏହାର କାରଣ କାହିବାକୁ ଯାଇ ସେ ସ୍ପଷ୍ଟ କରୁଛନ୍ତି ଯେ, ପ୍ରିୟ ମହାକବିଙ୍କୁ ଦେଖିବାକୁ ଯିବାକୁ ଟିକସ ବସାଇବା ଠିକ୍ କି ଭୁଲ ? ଦ୍ୱିତୀୟଟି ହେଲା, କର୍ମଚାରି ଦ୍ୱାରା ଶୁଣିଥିବା କଥା ଯେ ଗିର୍ଜାର ଉତ୍ତମ ରକ୍ଷଣାବେକ୍ଷଣା ପାଇଁ ଏହି ଅର୍ଥର ଆବଶ୍ୟକତା । ଏ ସଂପର୍କରେ ଉଚିତ୍ ଅନୁଚିତକୁ ନଦର୍ଶାଇ ମନୋଜ ବାବୁ ପାଠଙ୍କ ଉଦ୍ଦେଶ୍ୟରେ ଛାଡ଼ିଦେଇଛନ୍ତି ଉପଯୁକ୍ତ ଚିନ୍ତନ ନିମିତ୍ତ । ଏଥିସହିତ ଆଉ ଏକ ଯୁକ୍ତିଯୁକ୍ତ ପ୍ରସଙ୍ଗ ଉଠାଇ ଲେଖିଛନ୍ତି ଯେ – "ସେକ୍ସପିଅର ହେଲେ ପୃଥିବୀର ସର୍ବବୃହତ କର୍ମଯୋହାଣ ସଂସ୍ଥାମାନଙ୍କ ଭିତରୁ ଅନ୍ୟତମ । ଗତବର୍ଷ(୧୯୭୨) ପ୍ରକାଶିତ ଏକ ହିସାବ ଅନୁସାରେ ବର୍ତ୍ତମାନ ଆଠଲକ୍ଷ ଲୋକ ସେକ୍ସପିଅରଙ୍କ ଆନୁକୂଲ୍ୟରେ ଜୀବିକା ଅର୍ଜନ କରୁଛନ୍ତି । ସେମାନଙ୍କ ଅର୍ନ୍ତଗତ ହେଲେ ଲେଖକ, ଅନୁବାଦକ, ସମାଲୋଚକ, ପ୍ରକାଶକ, ପୁସ୍ତକ ବିକ୍ରେତା, ଅଭିନେତା, ପ୍ରେଯାଜକ, ଶିଳ୍ପୀ, ବହିବନ୍ଧେଇଲାବାଲା, ଟୁରିଷ୍ଟି ଗାଇଡ୍ ଓ ସ୍ମାରକୀ – ବିକ୍ରେତା ।" (୫) ବ୍ୟକ୍ତିଜଣକ ଯେତେବେଳେ ଏକ ଅନୁଷ୍ଠାନ ହୋଇ ଅନେକଙ୍କର ବଂଚିବାର ମାଧ୍ୟମ ସାଜେ ସେତେବେଳେ ଆମର ଜଣେ ନାଗରିକ ଭାବରେ ଥିବା କର୍ତ୍ତବ୍ୟକୁ କିପରି ପାଳନ କରାଯାଇପାରିବ, ସେ ଦିଗରେ ସଚେତନ ହେବାକୁ ପଡ଼ିବ ବୋଲି ଲେଖକ ବିଭିନ୍ନ ସୂଚନା ମାଧ୍ୟମରେ ସ୍ପଷ୍ଟ କରିଦେବାକୁ ଚାହିଁଛନ୍ତି ସେକ୍ସପିଅରଙ୍କୁ ମାଧ୍ୟମ କରି ।

ନିଜର ଜନ୍ମମାଟିକୁ ନେଇ ସାହିତ୍ୟିକମାନେ ଯେପରି ସାହିତ୍ୟ ସୃଷ୍ଟି କରିଛନ୍ତି ତାହା କାଳଜୟୀ ହୋଇପାରିଛି । ଏହାର କାରଣ ହେଉଛନ୍ତି ଲେଖକ ଜଣକ ନିଜ ମାଟି ପାଣି ପବନ ସହିତ ଏମିତି ପରିଚିତ ଯେ ଯେତେବେଳେ ତାହାକୁ ସେ ଲେଖିବସିବ ତାହା ଜୀବନ୍ତ ହେବ । ଏ କ୍ଷେତ୍ରରେ ସେକ୍ସପିଅର ସାମାନ୍ୟ ବ୍ୟତିକ୍ରମ ବୋଲି ଗବେଷଙ୍କ ମତ । ସେକ୍ସପିଅରଙ୍କ କାହାଣୀର ପୃଷ୍ଠଭୂମି ଓ ଚରିତ୍ରମାନେ ସାଧାରଣତଃ ସହର ଭଳି ଉନ୍ନତ ପରିବେଶରେ ଗଢ଼ା । ଆମେ ଗାଁ ପରିବେଶରେ ସେମାନଙ୍କୁ ସାଧାରଣତଃ ଭେଟିପାରୁ ନାହିଁ । ଏହି କାହାଣୀ ରଚନା ପାଇଁ ଲେଖକ ନିଜ ଦେଶ ଛାଡ଼ି ବିଦେଶାଭିମୁଖୀ ହୋଇଛନ୍ତି । କାରଣ ଇଂଲଣ୍ଡରେ ସେତେବେଳେ ବଡ଼ବଡ଼ ସହର ନଥିଲା । ନାଟକ ରଚନା ପାଇଁ ସେ ଖୋଜୁଥିଲେ ନଗର ସହର ପରି ସ୍ଥାନ । ସେଥି ପାଇଁ ତାଙ୍କୁ ବିଦେଶକୁ ହିଁ ଆଶ୍ରାକରି ନାଟକ ରଚନା କରିବାକୁ ପଡ଼ିଛି ଅନେକ ସମୟରେ । ସବୁଠାରୁ ବିସ୍ମୟର କଥା ହେଉଛି ଯେ ବିଦେଶ ଭାବରେ ଆମେ ଇଟାଲୀକୁ ଅଧିକ ଭାବରେ ତାଙ୍କ ନାଟକରେ ଦେଖିବାକୁ ପାଉ । ଏହି ଇଟାଲୀ ପ୍ରତିସକାଶେ ମଧ୍ୟ ସେକ୍ସପିଅରଙ୍କୁ ଅନେକ ଗବେଷକ ଭିନ୍ନ ଭିନ୍ନ ସ୍ଥାନର ବ୍ୟକ୍ତି ବୋଲି ମଧ୍ୟ ପ୍ରାମାଣିତ କରିବାକୁ ଚେଷ୍ଟା କରିଛନ୍ତି । ସେକ୍ସପିଅର କିପରି ଭାବରେ ନାଟକ ରଚନା କରିବା ପାଇଁ କାହାଣୀ ସଂଗ୍ରହ କରୁଥିଲେ ତାହାକୁ ମଧ୍ୟ ଗବେଷକମାନେ ବିଭିନ୍ନ ଉତ୍ସରୁ ତଥ୍ୟ ସଂଗ୍ରହ କରି କିପରି ପ୍ରତ୍ୟେକଙ୍କ ସାମ୍ନାରେ ଉପସ୍ଥାପନା କରୁଛନ୍ତି, ସେ ସମ୍ବନ୍ଧରେ ମନୋଜ ଦାସ ଯୁକ୍ତିଯୁକ୍ତ ଭାବରେ ଏହି ଭ୍ରମଣବୃତ୍ତାନ୍ତରେ ଆଲୋଚନା କରିଛନ୍ତି ।

ସେକ୍ସପିଅର କେବଳ ଇଂରାଜୀ ଭାଷାରେ ଆଜି ରହିଯାଇନାହାନ୍ତି, ତାଙ୍କର ସମସ୍ତ ସୃଷ୍ଟି ବିଭିନ୍ନ ଭାଷାରେ ଅନୁଦିତ ହୋଇ ବେଶ୍ ଲୋକପ୍ରିୟତା ପାଇଛି । ଯାହା 'ଲରେ ସେ ହୋଇଛନ୍ତି ବିଶ୍ୱ-ସଂପତ୍ତି । ଏ ଦିଗରୁ ପ୍ରତ୍ୟେକଙ୍କର ସେକ୍ସପିଅରଙ୍କ ସଂପର୍କରେ ଜାଣିବାର ଇଚ୍ଛା ତୀବ୍ରତର ହେବା ସ୍ୱାଭାବିକ । ମନୋଜ ଦାସ ଇଂଲଣ୍ଡ ଯାତ୍ରାକରି ସେଠାରେ ସେକ୍ସପିଅରଙ୍କୁ ନେଇ ରହିଥିବା ବିଷୟ ତଥା ସେଠାକାର ଅନୁଭୂତି ଅନୁଭବକୁ ଆବଶ୍ୟକ ତଥ୍ୟ ବଳରେ ଯେପରି ଉପସ୍ଥାପନା କରିଛନ୍ତି ତାହା ବେଶ୍ ଚମ୍‌ତ୍କାର ଏବଂ ପ୍ରଶଂସାଯୋଗ୍ୟ । ମନୋଜ ଦାସଙ୍କ ଭ୍ରମଣ ଜନିତ ଅନୁଭୂତି ଭିତରେ ବିଶିଷ୍ଟ ନାଟ୍ୟକାର ସେକ୍ସପିଅରଙ୍କ ପ୍ରସଙ୍ଗ ବାସ୍ତବରେ ପରିବେଶଣର ନୂତନ ମ୍ଡ଼ମ ପ୍ରସ୍ତୁତ କରିଦେଇଛି ଓଡ଼ିଆ ଭ୍ରମଣବୃତ୍ତାନ୍ତରେ, ଏହା କହିବାର ଦ୍ୱିଧା ନାହିଁ ।

**ସହାୟକ ଗ୍ରନ୍ଥସୂଚୀ:**


୧. ଦାସ ମନୋଜ, ଦୂର ଦୂରାନ୍ତର, ନବମ ସଂସ୍କରଣ, ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ-୨, ୨୦୧୪, ପୃଷ୍ଠା – ୫୨ ।

୨. ଓଃ ଲେଖକ ! ଆମେ ସେକ୍ସପିଅରଙ୍କୁ ଜାଣୁ । (ପୃଷ୍ଠା -୭୦)

୩. ତତୈବ , ପୃଷ୍ଠା -୪୩

୪. ତତୈବ , ପୃଷ୍ଠା -୪୪

୫. ତତୈବ , ପୃଷ୍ଠା -୪୯


❖ ❖ ❖